ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୮୮ (ଓଡ଼ିଆ ବୁଲେଟିନ) ସପ୍ତାହ – ୪୪ ତାରିଖ: ୦୩.୧୧.୨୦୨୬

ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

ଜିଲ୍ଲା – ବରଗଡ଼

ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୨୮.୧୦.୨୦୨୬ ରୁ ୦୩.୧୧.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.)							ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.)							ବୃଷ୍ଟିପାତ (ମିଲି ମିଟର)						
୨୮	୨୯	୩୦	୩୧	୦୧	୦୨	୦୩	୨୮	୨୯	୩୦	୩୧	୦୧	୦୨	୦୩	୨୮	୨୯	୩୦	୩୧	୦୧	୦୨	୦୩
30	29	26	27	30	28	29	21	20	20	20	21	21	21	2	61	51	6	0	0	0

ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

ପାଣିପାଗ କାରକ	୦୪-୧୧-୨୦୨୬	୦୫-୧୧-୨୦୨୬	୦୬-୧୧-୨୦୨୬	୦୭-୧୧-୨୦୨୬	୦୮-୧୧-୨୦୨୬
ବୃଷ୍ଟିପାତ (ମିଲି ମିଟର)	3	3	3	0	0
ସର୍ବାଧିକ ତାପମାତ୍ରା (º ସେଣ୍ଟ୍ରିଗ୍ରେଡ)	30	30	30	30	30
ସର୍ବନିମ୍ନ ତାପମାତ୍ରା (º ସେଣ୍ଟ୍ରିଗ୍ରେଡ)	20	20	19	19	19
ମେଘ ଆବରଣ(ଓକଟା)	3	3	3	2	1
ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %)	92	93	88	76	64
ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %)	62	62	45	36	31
ପବନର ବେଗ (କିମି/ଘଣ୍ଟା ପ୍ରତି)	4	4	5	4	4
ପବନର ଦିଗ (ଡିଗ୍ରୀ)	53	11	90	351	338

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୬ରେ ଯୋଗାଯୋଗ କରନ୍ତୁ

ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ବର୍ଷା ହେବାର ସମ୍ଭାବନା ବହୁତ କମ ଅଛି କିନ୍ତୁ ସପ୍ତାହର ପ୍ରଥମ ପର୍ଯ୍ୟାୟରେ କିଛିଟା ସ୍ଥାନରେ ଅତି ହାଲୁକା ବର୍ଷା ହୋଇପାରେ ଏବଂ ଏହି ସମୟ ଅବଧିରେ ଆକାଶ ମୁଖ୍ୟତଃ ସଫା ରୁ ଆଂଶିକ ମେଘାଚ୍ଛନ୍ନ ରହିପାରେ । ଆଗାମୀ ଦିନଗୁଡ଼ିକରେ ଉଭୟ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ ନାହିଁ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆପେକ୍ଷିକ ଆର୍ଦ୍ରତା ଅଧିକ ରହିବା ସହିତ ଘଣ୍ଟା ପ୍ରତି ୦୪ ରୁ ୦୫ କି.ମି. ବେଗରେ ଉତ୍ତର-ପୂର୍ବ, ପୂର୍ବ ଓ ଉତ୍ତର-ପଶ୍ଚିମ ଦିଗରୁ ପବନ ବହିବାର ପୂର୍ବାନୁମାନ କରାଯାଇଅଛି ।

ସାଧାରଣ ଉପଦେଶ

- ଆସନ୍ତା ସପ୍ତାହରେ ଶୁଷ୍କ ପାଗ ରହିବାର ସମ୍ଭାବନା ଥିବାରୁ, ଚାଷୀଭାଇମାନେ ମାଟିର ଆର୍ଦ୍ରତା ଓ ଫସଲର ବୃଦ୍ଧି ଅବସ୍ଥା ଅନୁଯାୟୀ ଠିଆ ଫସଲରେ ଜଳସେଚନ କରନ୍ତୁ ଏବଂ ପାଚିଯାଇଥିବା ଫସଲକୁ ଯଥାଶୀଘ୍ର ଅମଳ କରନ୍ତୁ।
- ଜଳସେଚନ ସୁବିଧା ଥିବା ସ୍ଥାନରେ ରବି ଫସଲର ଉପଯୁକ୍ତ ସମୟରେ ବୁଣା କାର୍ଯ୍ୟ ଆରମ୍ଭ କରନ୍ତୁ।
- ଅନ୍ତଃଚାଷ କାର୍ଯ୍ୟ କରିବା ସହିତ ଉପଯୁକ୍ତ ଆବରଣ ସାମଗ୍ରୀ (ମଲଚିଂ) ବ୍ୟବହାର କରି ମାଟିର ଆର୍ଦ୍ରତା ସଂରକ୍ଷଣ କରନ୍ତୁ।
- ଫସଲରେ କୀଟପତଙ୍ଗ ଓ ରୋଗର ଆକ୍ରମଣ ଉପରେ ନିୟମିତ ନଜର ରଖନ୍ତୁ।
- ପଶୁମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳ ଯୋଗାଇବା ସହିତ ସେମାନଙ୍କର ଉପଯୁକ୍ତ ଯତ୍ନ ନିଅନ୍ତୁ।

ସଂକ୍ଷିପ୍ତ ଉପଦେଶ

- ପୂର୍ବ ସପ୍ତାହର ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀଭାଇମାନେ ନିଜ ଫସଲ କ୍ଷେତରେ କୀଟପତଙ୍ଗ ଓ ରୋଗର ଆକ୍ରମଣ ଉପରେ ନିୟମିତ ନଜର ରଖନ୍ତୁ।

ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

ଫସଲର ନାମ	ଫସଲ ଅବସ୍ଥା	କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ
ବର୍ଷା ବିନିଆ (ଖରିଫ) ଧାନ	ଫୁଲ ଓ ଦୁଗ୍ଧ ଅବସ୍ଥା/ ଦାନା ଭରିବା / ପରିପକ୍ୱ ଅବସ୍ଥା	• ଆଗାମୀ ଦିନରେ ଶୁଷ୍କ ପାଗ ରହିବାର ସମ୍ଭାବନା ଥିବାରୁ, ବିଶେଷ କରି ଫୁଲ ଧରିବା, କ୍ଷୀର ଢୋକିବା ଓ ଦାନା ପୂରଣ ଅବସ୍ଥାରେ ଧାନ କ୍ଷେତରେ ଆବଶ୍ୟକ ଜଳସ୍ତର ବଜାୟ ରଖନ୍ତୁ। ମାଟିରେ ପର୍ଯ୍ୟାପ୍ତ ଆର୍ଦ୍ରତା ଥିଲେ ଅନାବଶ୍ୟକ ଜଳସେଚନ କରନ୍ତୁ ନାହିଁ । • ଧାନ କେଣ୍ଡାର ପ୍ରାୟ ୮୫% ଦାନା ପାଚିଯାଇଥିଲେ ଅମଳ କାର୍ଯ୍ୟ କରନ୍ତୁ। • ଧାନ ଫସଲରେ ପତ୍ରାଚ୍ଛାଦପୋଡ଼ା ରୋଗ, ବୀଜାଣୁଜନିତ ପତ୍ରପୋଡ଼ା ରୋଗ ଓ ବିଭିନ୍ନ କୀଟପତଙ୍ଗଙ୍କ ଆକ୍ରମଣ ଉପରେ ନିୟମିତ ନଜର ରଖନ୍ତୁ । • ଅଳ୍ପ ଅବଧିରେ ଅମଳ ହେଉଥିବା ଧାନ କିସମରେ କ୍ଷେତରେ ଧାନ ଗଜା ହେବାର ସମ୍ଭାବନା କମାଇବା ପାଇଁ ୨% ଲୁଣ ଦ୍ରବଣ (ପ୍ରତି ଲିଟର ପାଣିରେ ୨୦ ଗ୍ରାମ ଲୁଣ) ସିଞ୍ଚନ କରନ୍ତୁ । • ଧାନ କ୍ଷେତରେ ମାଟିଆ ଗୁଣ୍ଡି ପୋକ, କାଣ୍ଡବିନ୍ଧା ପୋକ ଓ ପତ୍ର ମୋଡ଼ା ପୋକର ଆକ୍ରମଣ ଉପରେ ନିୟମିତ ନଜର ରଖନ୍ତୁ। • ବିଶେଷକରି ୟୁରିଆ ଭଳି ଅଧିକ ଯବକ୍ଷାରଜାନଯୁକ୍ତ ସାରର ଅତ୍ୟଧିକ ପ୍ରୟୋଗରୁ ନିବୃତ୍ତ ରହନ୍ତୁ। • ଜଳ ପରିଚାଳନା ଠିକ୍ ଭାବରେ କରନ୍ତୁ ଏବଂ ସମ୍ଭବ ହେଲେ ପର୍ଯ୍ୟାୟକ୍ରମେ ଜଳସେଚନ ଓ ଜଳ ନିଷ୍କାସନ ପଦ୍ଧତି ଅନୁସରଣ କରନ୍ତୁ ।
ଚିନାବାଦାମ	ଫୁଲ ଓ ଓହଳ ଅବସ୍ଥା / ଛୁଇଁ ଗଠନ ଓ ପରିପକ୍ୱ ଅବସ୍ଥା	• କ୍ଷେତରେ ଜମି ରହିଥିବା ଅତିରିକ୍ତ ବର୍ଷା ଜଳକୁ ଯଥାଶୀଘ୍ର ନିଷ୍କାସନ କରନ୍ତୁ। • ପତ୍ର ସୁଡ଼ୁଙ୍ଗକାରୀ ପୋକ, ତମାଖୁ ଶୁଣ୍ଡା ପୋକ ଓ ରସ ଶୋଷକ ପୋକଙ୍କ ଆକ୍ରମଣ ଉପରେ ନଜର ରଖନ୍ତୁ। • ପତ୍ରରେ ପୋକଙ୍କ ଖାଇବା ଜନିତ କ୍ଷତି ଓ ଶୁଣ୍ଡା ପୋକଙ୍କ ଉପସ୍ଥିତି ନିୟମିତ ଯାଞ୍ଚ କରନ୍ତୁ। • ତମାଖୁ ଶୁଣ୍ଡା ପୋକର ଅଣ୍ଡା ସମୂହ ଓ ଦଳବଦ୍ଧ ଭାବେ ଥିବା ଶାବକମାନଙ୍କୁ ସଂଗ୍ରହ କରି ନଷ୍ଟ କରନ୍ତୁ। • ପତ୍ର ଦାଗ ରୋଗ, ମୂଳ ଓ କାଣ୍ଡ ପଚା ରୋଗ ଏବଂ ଅନ୍ୟାନ୍ୟ ରୋଗର ଆକ୍ରମଣ ଉପରେ ନିୟମିତ ନଜର ରଖନ୍ତୁ। • ରୋଗାକ୍ରାନ୍ତ ଓ କ୍ଷତିଗ୍ରସ୍ତ ଗଛର ଅଂଶକୁ କାଢ଼ି ନଷ୍ଟ କରନ୍ତୁ, ଯାହାଦ୍ୱାରା ରୋଗର ବିସ୍ତାର ରୋକାଯାଇପାରିବ। • ଉପଯୁକ୍ତ ସମୟରେ ପରିପକ୍ୱ ବାଦାମ ଅମଳ କରି ଶୁଷ୍କ ଓ ସୁରକ୍ଷିତ ସ୍ଥାନରେ ସଂରକ୍ଷଣ କରନ୍ତୁ।
ମକା	ଫୁଲ ଅବସ୍ଥା / ପରିପକ୍ୱ ଅବସ୍ଥା	• ଜମିରେ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଏବଂ ଜମିରେ ଜମି ରହିଥିବା ପାଣିକୁ ଯଥାଶୀଘ୍ର ନିଷ୍କାସନ କରନ୍ତୁ। • ଶୋଇଯାଇଥିବା ଗଛଗୁଡ଼ିକୁ ସମ୍ଭବ ହେଲେ ଆବଶ୍ୟକୀୟ ସାହାରା ଦିଅନ୍ତୁ ଏବଂ ଅମଳ କରାଯାଇଥିବା ମକା ଭୁଟ୍ଟାକୁ ଆର୍ଦ୍ରତାରୁ ସୁରକ୍ଷିତ ରଖନ୍ତୁ। • ଫସଲରେ ଜଳୀୟ ଚାପଜନିତ କ୍ଷତିରୁ ଫସଲର ପୁନରୁଦ୍ଧାର ପାଇଁ ଆବଶ୍ୟକତା ଅନୁସାରେ ଜଳରେ ଦ୍ରବଣୀୟ ଏନ.ପି.କେ. ସାର (୧୯:୧୯:୧୯) କୁ ପ୍ରତି ଲିଟର ପାଣିରେ ୧୦ ଗ୍ରାମ ହିସାବରେ ପତ୍ରରେ ସିଞ୍ଚନ କରନ୍ତୁ । ଦରକାର ପଡ଼ିଲେ ଏହାକୁ ଗୋଟେ ସପ୍ତାହ ବ୍ୟବଧାନରେ ଦୁଇ ରୁ ତିନି ଥର ପ୍ରୟୋଗ କରନ୍ତୁ ।
ରବି ଫସଲ	ବୁଣା ଓ ରୋପଣ ଅବସ୍ଥା	• ଜଳସେଚନ ସୁବିଧା ଥିବା ସ୍ଥାନରେ କିମ୍ବା ପୂର୍ବ ବର୍ଷାର ଉପଯୋଗ କରି ସୋରିଷ, ବୁଟ, ମଟର ଓ ଅନ୍ୟାନ୍ୟ ଡାଲି ଜାତୀୟ ଫସଲର ଜମି ପ୍ରସ୍ତୁତି ଓ ଉପଯୁକ୍ତ ସମୟରେ ବୁଣା କାର୍ଯ୍ୟ କରନ୍ତୁ । • ଠିକ୍ ସମୟରେ ବୁଣା ପାଇଁ ଉତ୍ତମ ଜଳ ନିଷ୍କାସନ ସୁବିଧା ଥିବା ଜମି ପ୍ରସ୍ତୁତ କରନ୍ତୁ। • ଉପଯୁକ୍ତ ଦୂରତା ବଜାୟ ରଖିବା ସହିତ ବିହନ ଶଯ୍ୟାରେ ଜଳ ନିଷ୍କାସନର ସୁବିଧା ରଖନ୍ତୁ। • ବର୍ଷା ପରେ ଫସଲରେ କୀଟପତଙ୍ଗ ଓ ରୋଗର ଆକ୍ରମଣ ଉପରେ ନଜର ରଖନ୍ତୁ। • ଜମିରୁ ଘାସ ଓ ଅନାବନା ଗଛ ସଫା କରନ୍ତୁ ଏବଂ କ୍ଷତିଗ୍ରସ୍ତ ଗଛର ଅଂଶକୁ କାଢ଼ି ଦିଅନ୍ତୁ।
ଫଳ ଚାଷ	ଫଳ ଅବସ୍ଥା/ ରୋପଣ ଅବସ୍ଥା	• ମାଟିର ଅବସ୍ଥା ଅନୁକୂଳ ଥିଲେ ବା ଚାଷ ଉପଯୋଗୀ ଥିଲେ ନୂତନ ଫଳ ଚାରା ରୋପଣ କରନ୍ତୁ । • ଫଳ ବଗିଚାରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଏବଂ ଗଛ ମୂଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ। • ନୂତନ ରୋପଣ କରାଯାଇଥିବା ଚାରା ଓ ଅଧିକ ଫଳ ଧାରଣ କରିଥିବା ଡାଳକୁ ଆବଶ୍ୟକୀୟ ଆଧାର ପ୍ରଦାନ କରନ୍ତୁ। • ରୋଗ ସଂକ୍ରମଣ ଆଶଙ୍କା କମାଇବା ପାଇଁ ଝଡ଼ି ପଡ଼ିଥିବା ଓ କ୍ଷତିଗ୍ରସ୍ତ ଫଳଗୁଡ଼ିକୁ କାଢ଼ି ଦିଅନ୍ତୁ। • ଗଛର କ୍ଷତ ସ୍ଥାନ ଓ କ୍ଷତିଗ୍ରସ୍ତ ଅଂଶରେ ଦ୍ୱିତୀୟକ ସଂକ୍ରମଣ ହେବାର ସମ୍ଭାବନା ଉପରେ ନଜର ରଖନ୍ତୁ।
ପନିପରିବା ଚାଷ	ବୁଣା ଓ ରୋପଣ ଅବସ୍ଥା / ଫୁଲ ଓ	• ପନିପରିବା ଫସଲରେ ହଠାତ୍ ଗଛ ମଉଳିଯିବା ଓ ମୂଳ ପଚା ରୋଗର ଆଶଙ୍କା କମାଇବା ପାଇଁ ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ଏବଂ କ୍ଷେତ କିମ୍ବା ତଳିଘରାରୁ ଅତିରିକ୍ତ ପାଣି ତୁରନ୍ତ ନିଷ୍କାସନ କରନ୍ତୁ। • ଲତା ଜାତୀୟ ଫସଲରେ ଫଳ ମାଟି ସଂସ୍ପର୍ଶରେ ନଆସିବା ଏବଂ ରୋଗ ସଂକ୍ରମଣ କମାଇବା ପାଇଁ ମଞ୍ଚା କିମ୍ବା

	ଫଳ ଅବସ୍ଥା	ଜାଲିର ବ୍ୟବସ୍ଥା କରନ୍ତୁ। ଠିଆ ଫସଲରେ ଆବଶ୍ୟକୀୟ ଆଧାର ପ୍ରଦାନ କରନ୍ତୁ। • ଫସଲରେ ବିଭିନ୍ନ କୀଟପତଙ୍ଗ ଓ ରୋଗର ଆକ୍ରମଣ ଉପରେ ନିୟମିତ ନଜର ରଖନ୍ତୁ। • ମାଟିର ଆର୍ଦ୍ରତା ଉପଯୁକ୍ତ ହେଲେ ତଳି ରୋପଣ କରନ୍ତୁ। • ବିଶେଷକରି ଫୁଲ ଓ ଫଳ ଧରିବା ଅବସ୍ଥାରେ ପନିପରିବା ଫସଲକୁ ହାଲୁକା ଓ ଉପଯୁକ୍ତ ସମୟରେ ଜଳସେଚନ କରନ୍ତୁ। • ପରିପକ୍ୱ ପନିପରିବାକୁ ଅମଳ କରି ଶୁଷ୍କ ଓ ସୁରକ୍ଷିତ ସ୍ଥାନରେ ରଖନ୍ତୁ।
ପଶୁ ପାଳନ	• ପଶୁମାନଙ୍କୁ ସୁରକ୍ଷିତ, ଶୁଷ୍କ ଓ ଆଶ୍ରୟଯୁକ୍ତ ଗୁହାଳରେ ରଖନ୍ତୁ ଏବଂ ସେମାନଙ୍କୁ ପରିଷ୍କାର ପାନୀୟ ଜଳ ଓ ପର୍ଯ୍ୟାପ୍ତ ଖାଦ୍ୟ ଯୋଗାଇ ଦିଅନ୍ତୁ। ପଶୁମାନଙ୍କୁ ଯଥେଷ୍ଟ ସବୁଜ ଓ ଶୁଷ୍କ ଚାରା ସହିତ ଖଣିଜ ମିଶ୍ରଣ ଦିଅନ୍ତୁ। • ଗୁହାଳକୁ ସଫା ଓ ଜୀବାଣୁମୁକ୍ତ ରଖନ୍ତୁ। ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରି ଶୁଷ୍କ ଶଯ୍ୟାର ବ୍ୟବସ୍ଥା କରନ୍ତୁ। • ଗୁହାଳରେ ପର୍ଯ୍ୟାପ୍ତ ବାୟୁ ଚଳାଚଳ ଓ ପରିଚ୍ଛନ୍ନତା ବଜାୟ ରଖନ୍ତୁ। • ପଶୁମାନଙ୍କ ମଧ୍ୟରେ ଖୁରା ଓ ମୁହଁ ରୋଗ ବା ଫାଟୁଆ (FMD) ଓ ଥନହରା (ମାଷ୍ଟାଇଟିସ୍) ରୋଗର ଲକ୍ଷଣଗୁଡ଼ିକୁ ନିୟମିତ ଭାବେ ନିରୀକ୍ଷଣ କରନ୍ତୁ । • ପଶୁମାନଙ୍କ ଶରୀରରେ କ୍ଷତ ଓ ଅସୁସ୍ଥତାର ଲକ୍ଷଣ ଯାଞ୍ଚ କରନ୍ତୁ ଏବଂ ଆବଶ୍ୟକ ହେଲେ ପଶୁ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।
କୁକୁଡ଼ା ପାଳନ	• କୁକୁଡ଼ା ଘରକୁ ଶୁଷ୍କ, ପରିଷ୍କାର ଓ ଯଥେଷ୍ଟ ବାୟୁ ଚଳାଚଳ ଯୋଗ୍ୟ ରଖନ୍ତୁ ଏବଂ ଘର ଚାରିପାଖରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ। • କୁକୁଡ଼ା ଘରର ବିଛଣାକୁ ଶୁଷ୍କ ରଖନ୍ତୁ। ଚୂନ କିମ୍ବା ବ୍ଲିଚିଂ ପାଉଡର ଆଦିର ବ୍ୟବହାର କେବଳ ସୁପାରିଶ ଅନୁଯାୟୀ କରି ବିଛଣାର ଉପଯୁକ୍ତ ବିଶୋଧନ କରନ୍ତୁ। କୁକୁଡ଼ା ଘରେ ଯଥେଷ୍ଟ ବାୟୁ ଚଳାଚଳର ବ୍ୟବସ୍ଥା କରନ୍ତୁ ଏବଂ ଅତ୍ୟଧିକ ସଂଖ୍ୟାରେ କୁକୁଡ଼ା ରଖନ୍ତୁ ନାହିଁ।

Mrs. Jubuli Sahu **Junior Agrometeorologist,** **AMFU, RRTTS, Chiplima**	**Dr. Sanjukta Mohapatra** **ADR cum Nodal Officer** **RRTTS, Chiplima**

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ବୋକ୍ସ, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ (https://play.google.com/store/apps/details?id=com.imd.masuam).